## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଠାବ, ହତ୍ୟା ସନ୍ଦେହ

ଫୁଲବାଣୀ,୨୬।୭ (ରାକେଶ କୁମାର ରାଉତ)- ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତ ମୂର୍ଜା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଠାବ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତକ ହେଲେ ଭରତ ମଲିକ (୩୫)।
ଭରତ ମଙ୍ଗଳବାର କଟ୍ରିଙ୍ଗିଆ ପଞ୍ଚାୟତ କୁନ୍ଦାଲି ଗ୍ରାମକୁ ଭୋଜି ଖାଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ଏଠାରୁ ପ୍ରାୟ ୩ କିମି ଦୂର ମାଣିଜିରି ଗ୍ରାମର ଶୁଦ୍ର କହଁରଙ୍କ ଘର ଅଗଣାରେ ତାଙ୍କ ମୃତଦେହ ପଡିଥିବା ନେଇ ପରିବାର ଲୋକେ ଜାଣି ପୋଲିସକୁ ଜଣାଇଥିଲେ। ଏ ନେଇ ଗୋଛାପଡା ଥାନାଧିକାରୀ ରଂଜିତ ମୁନି, ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲିକ ସାଇଣ୍ଟିଫିକ ଟିମ ସହ ଯାଇ ଘଟଣାର ଛାନ୍‌ବିନ କରିଥିଲେ। ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ସ୍ତ୍ରୀ ବିଶିମତି ମଲିକ ଗୋଛାପଡା ଥାନାରେ ଅଭିଯୋଗ କରିଛନ୍ତି। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ପୋଲିସ ନଂ. ୧୦୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନାଧିକାରୀ କହିଛନ୍ତି।

### ୭ ସୋଲାର ପ୍ୟାନେଲ ଉଦ୍ଧାର, ୨ ଗିରଫ

ଖଲ୍ଲିକୋଟ,୨୬।୭ (ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ପଥରକଟାଠାରେ ଥିବା ଗୋଟିଏ ଫାର୍ମ ହାଉସରୁ ଚୋରି ହୋଇଥିବା ୭ ସୋଲାର ପାନେଲକୁ ଭେଜିପୁଟ ଫାଣ୍ଡି ପୋଲିସ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେଶପୁରର ସାଲୁ ଦାସ(୨୨) ଓ ଆଉ ଜଣେ ଅଭିଯୁକ୍ତ ବିଜେଶ ମନ୍ତ୍ରୀ(୨୮)।
ଚିଲିକା ଛତ୍ରଗଡ଼ ଅଞ୍ଚଳର ସୁଦର୍ଶନ ସାହୁଙ୍କ ଲଙ୍ଗଳେଶ୍ୱର ପଥରକଟାରେ ଏକ ଫାର୍ମ ହାଉସ ରହିଛି। ଗତ ୨୨ ତାରିଖରେ ସୁଦର୍ଶନ ଫାର୍ମ ହାଉସକୁ ଆସିବା ବେଳେ ସବୁକିଛି ଠିକ୍‌ଠାକ ଥିଲା। ତେବେ ବୁଧବାର ସକାଳୁ ଆସି ଦେଖିବା ବେଳକୁ ଫାର୍ମ ହାଉସରେ ଲାଗିଥିବା ୭ ସୋଲାର ପାନେଲ ଚୋରି ହୋଇଥିବା ଜାଣିଥିଲେ। ଏ ସମ୍ପର୍କରେ ସକାଳ ୮ଟାରେ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ବେଳେ ଏକ ନାଲିଆ ରଙ୍ଗର ଡାଲା ଅଟୋରେ ନେଇଥିବା ଜାଣିବାକୁ ପାଇଥିଲେ। କେଶପୁରରେ ସେହି ଅଟୋକୁ ଧରିବା ପରେ କେଶପୁର ନିକଟସ୍ଥ ଏକ ଫାର୍ମ ହାଉସରୁ ଚୋରି ସୋଲାର ପାନେଲଗୁଡିକ ଉଦ୍ଧାର କରିଥିଲେ। ଏହି ଚୋରି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ବେଳେ ପୋଲିସ ଅଟୋ ଡ୍ରାଇଭର ସାଲୁ ଓ ବିଜେଶଙ୍କୁ ଗିରଫ କରିଛି। ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ଡାଲା ଅଟୋ (ନଂ ଓଡି ୦୨ ଜେଡ ୫୯୭୯)କୁ ଜବତ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି।

# ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷଙ୍କୁ ଆଜୀବନ କାରାଦଣ୍ଡ

## ଉମା ବିଷୋୟୀ ହତ୍ୟା ମାମଲା

ଆସିକା,୨୬।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉମାଚରଣ ବିଷୋୟୀ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ପାକଲାପଲ୍ଲୀ ଗ୍ରାମର ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପୋଲାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଅଦାଲତ ୧୦ ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ୪ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅପହରଣ ମାମଲାରେ ୩ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ୩ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଦାଲତ ଏହି ମାମଲାରେ ଅନ୍ୟ ୪ ଅଭିଯୁକ୍ତ ଅମୂଲ୍ୟ କୁମାର ପଣ୍ଡା, ସନ୍ତୋଷ କୁମାର ଗୌଡ, ଗଙ୍ଗାଧର ପ୍ରଧାନ ଓ କୈଳାସ ରାଉତଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ କରିଦେଇଛନ୍ତି।
ସୂଚନାଯୋଗ୍ୟ, ୨୦୦୨ ଜୁଲାଇ ୨୬ ତାରିଖ ରାତିରେ କଂଗ୍ରେସ ନେତା ଉମା ବିଷୋୟୀ କୌଣସି କାମରେ ଭୁବନେଶ୍ୱରରୁ ଫେରି ଘରେ ଥିଲେ। ଅଭିଯୁକ୍ତ ସୂର୍ଯ୍ୟ ତାଙ୍କ ଘରକୁ ଯାଇ ଡାକିଥିଲେ। ଉମା ବାହାରକୁ ବାହାରିବା ପରେ ଅଭିଯୁକ୍ତମାନେ ତାଙ୍କୁ ବାରଣ୍ଡାରୁ ଉଠାଇ ଆଣି ବାହାରେ ଥିବା ଏକ ଗାଡିରେ ବସାଇ ନେଇ ଯାଇଥିଲେ । ଘଟଣା ପରଦିନ ଉମାଙ୍କ କ୍ଷତବିକ୍ଷତ ମୃତଦେହ ଆସିକା ଚାରିମଇଲି ନିକଟସ୍ଥ ଗଡଗଡିଆ ପାହାଡ ପାଦଦେଶରୁ ପୋଲିସ ଜବତ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ବିରଞ୍ଚି ପ୍ରସାଦ ଦେହୁରି ମାମଲାର ତଦନ୍ତ କରି ଅଦାଲତରେ ୬ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ମାମଲାର ବିଚାର ଚାଲିଥିଲା ବେଳେ ଜଣେ ଅଭିଯୁକ୍ତ ସୁଦୁରୁ ପରିଡାଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ୩୨ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ଏହାକୁ ଆଧାର କରି ବିଚାରପତି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲା ବେଳେ ଖଲାସ ଅଭିଯୁକ୍ତଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ପାତ୍ର ଓ ଛବିଲରାମ ମିଶ୍ର ମାମଲା ଲଢୁଥିଲେ ।

# କିଆକଟା ଏଏସ୍‌ଆଇଙ୍କୁ ଧରିଲା ଭିଜିଲାନ୍ସ



ଫୁଲବାଣୀ,୨୬।୭ (ରାକେଶ କୁମାର ରାଉତ)

ଏକ ମାମଲାର ରଫାଦଫା କରିବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅନୁଗୋଳ ଜିଲା କିଆକଟା ଥାନାର ଜଣେ ଏଏସ୍‌ଆଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଛନ୍ତି। ସେ ହେଲେ ନବୀନ ଶତପଥୀ । ବେଲାଦୁଲା ଗ୍ରାମର ପଞ୍ଚାନନ ମେହେରଙ୍କ ନାମରେ କିଆକଟା ଥାନାରେ ଏକ ମାମଲା ରହିଥିଲା। ଚାର୍ଜଶିଟରୁ ନାମ କାଟିବା ତଥା ଏହାର ରଫାଦଫା କରିବା ପାଇଁ ଏଏସଆଇ ନବୀନ ଶତପଥୀ ପଞ୍ଚାନନଙ୍କୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପଞ୍ଚାନନ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ପଞ୍ଚାନନ ଏଏସଆଇ ନବୀନଙ୍କୁ ବୌଦ୍ଧ ବସଷ୍ଟାଣ୍ଡଠାରେ ଏହି ଟଙ୍କା ଦେଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କୁ ଧରିଥିଲେ। ଘଟଣାର ଅଧିକ ତଦନ୍ତ ଚାଲିଥିବା ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଖଡ଼ଗ ନଦୀ ସେତୁ ଶୋଚନୀୟ

ବାଲିଗୁଡା,୨୬।୭(ସଞ୍ଜୟ କୁମାର ପାଣିଗ୍ରାହୀ)



ଶୋଚନୀୟ ଖଡ଼ଗ ନଦୀ ସେତୁ ।

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅଧୀନସ୍ଥ ଲଣ୍ଡାଗାଁ ନିକଟରେ ରହିଛି ଖଡ଼ଗ ନଦୀ ସେତୁ। ଏହି ସେତୁ ବର୍ତ୍ତମାନ ଅତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବେଳ ଥାଉ ଥାଉ ସତର୍କ ନ ହେଲେ କେତେବେଳେ ଯେ ଏହା ଭୁଶୁଡ଼ି ପଡିବ କେହି କହିପାରିବେ ନାହିଁ। ଏହି ସେତୁ ବାଲିଗୁଡାଠାରୁ ଯାଇଥିବା ୪୧ ନମ୍ବର ରାଜ୍ୟ ରାଜପଥ ଉପରେ ନିର୍ମିତ। କନ୍ଧମାଳ-ବୌଦ୍ଧ ଜିଲାର ସୀମାନ୍ତ ସିନ୍ଧୁଗୋରା ଓ କନ୍ଧମାଳ ଜିଲାର ସୀମାନ୍ତ ଲଣ୍ଡାଗାଁ ମଧ୍ୟରେ ପୂର୍ବ ଦିଗରୁ ପଶ୍ଚିମ ଦିଗକୁ ବହି ଯାଇଛି ଚିରସ୍ରୋତା ଖଡ଼ଗ ନଦୀ। ନଦୀ ଉପରେ କନ୍ଧମାଳ ଜିଲା ପୂର୍ତ୍ତବିଭାଗ ପକ୍ଷରୁ ନିର୍ମିତ ହୋଇଛି ସମ୍ପର୍କର ସେତୁ। ୬କୋଟି ଟଙ୍କା ବ୍ୟୟରେ ଏହି ସେତୁ କାମ ୧୯୯୮ରେ ଆରମ୍ଭ କରାଯାଇ ଦୀର୍ଘ ୮ବର୍ଷ ପରେ ୨୦୦୬ରେ କାର୍ଯ୍ୟ ସମାପ୍ତି ହୋଇଥିଲା। ବର୍ତ୍ତମାନ ସେତୁର ଅବସ୍ଥା ଅତି ସଙ୍ଗିନ ହୋଇପଡିଛି। ସେତୁ ଉପରୁ ସିମେଣ୍ଟ ଛାଡି ଯାଇ ଲୁହା ଛଡ଼ ବାହାରି ପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ମରାମତି ନ କଲେ ଆଗକୁ ଅଧିକ କ୍ଷତି ହେବା ସହ ଜନଜୀବନ ହାନୀ ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ବୌଦ୍ଧ ଜିଲା ସମେତ ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ଯୋଡିଥିବାରୁ ଉକ୍ତ ପୋଲ ସମ୍ପର୍କର ସେତୁ ସାଜିଛି। ରାସ୍ତାରେ ଭାରି ଯାନ ଚଳାଚଳ ସହ ସର୍ବଦା ବ୍ୟସ୍ତବହୁଳ ରହୁଛି। ଫଳରେ କେତେବେଳେ ଅଘଟଣ ଘଟିବ କହିହେବ ନାହିଁ। ସେହିପରି ଲଣ୍ଡାଗାଁ ସଦର ରାସ୍ତା ମଝିରେ ପିଚୁ ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ରାତି ସମୟରେ ଦୁର୍ଘଟଣା ଘଟିବାର ବହୁ ଆଶଙ୍କା ରହିଛି। ବାଲିଗୁଡା ବ୍ଲକ ଠାରୁ ଲଣ୍ଡାଗାଁ ପଞ୍ଚାୟତ ମଧ୍ୟରେ ୬ଟି ପଞ୍ଚାୟତ ବାରଖମା, ରେବିଙ୍ଗିଆ, ସଲାଗୁଡା, ସୁଡୁରା, ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତର ଶତାଧିକ ବାସିନ୍ଦା ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ବାଲିଗୁଡାଠାରୁ ଲଣ୍ଡାଗାଁ ଯିବା ବାଟରେ କଞ୍ଚାଲଗୁ ଘାଟି ରେ ୮ କିମି ରାସ୍ତା ଖରାପ ଅଛି। ଏନେଇ ବାଲିଗୁଡା ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବାକୁ ଖୁଣ୍ଟିଗୋରା ଓ ଲଣ୍ଡାଗାଁ ପଞ୍ଚାୟତବାସୀ ପକ୍ଷରୁ ଦାବି ହେଉଛି।

# କାର୍‌ଗିଲ୍ ବିଜୟ ଦିବସ ପାଳିତ

ଆସିକା,୨୬।୭ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନଏସି ପକ୍ଷରୁ ବୁଧବାର କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ତାଲୁକା ଛକସ୍ଥିତ ସହୀଦ ଉମାକାନ୍ତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସମେତ କାଉନସିଲରମାନେ ସହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରିଥିଲେ। ସୂଚନାଯୋଗ୍ୟ ଆସିକା ଏନଏସିର ଶାସ୍ତ୍ରୀ ନଗର ନିବାସୀ ରାଜକିଶୋର ପଟ୍ଟନାୟକଙ୍କ ପୁତ୍ର ଉମାକାନ୍ତ ପଟ୍ଟନାୟକ ଗତ ୩୧ ମଇ ୨୦୦୦ରେ ଜାମ୍ମୁ କାଶ୍ମୀରର କାରଗିଲ ଗ୍ରାସ ସେକ୍ଟରରେ କର୍ତ୍ତବ୍ୟରତ ଥିଲା ବେଳେ ପ୍ରତିପକ୍ଷଙ୍କ ଗୁଳିମାଡରେ ଟଳି ପଡିଥିଲେ। ସେହିଭଳି ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ଦେଶର ଏକତା ଓ ଅଖଣ୍ଡତା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଶପଥ କରିବା ସହ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା । ଅଧ୍ୟାପକ ସନାତନ ପଣ୍ଡା, ମନୋରଞ୍ଜନ ସାହୁ, ଶିଶିର କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧରିତ୍ରୀ ପରିବାର ପକ୍ଷରୁ ଚାରାରୋପଣ




ଚାରାରୋପଣ କାର୍ଯ୍ୟକ୍ରମ।

ବେଲଗୁଣ୍ଠା,୨୬।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବୁଧବାର କାରଗିଲ୍ ବିଜୟ ଦିବସ ଅବସରରେ ବେଲଗୁଣ୍ଠା ଧରିତ୍ରୀ ପରିବାର ପକ୍ଷରୁ ପ୍ରତାପଲକ୍ଷ୍ମଣପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଛି। ବେଲଗୁଣ୍ଠା ଧରିତ୍ରୀ ବ୍ଲକ୍ ପ୍ରତିନିଧି କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଙ୍ଗପୁର ବନପାଳ ଜୀବାନନ୍ଦ ତ୍ରିପାଠୀ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ରେଷ୍ଟଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିୟ, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଦଳାଇ, ବଡ଼ବୋର୍ସିଂ ସରପଞ୍ଚ ରାମେଶ୍ୱର ପାତ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥି, ନେଟେଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼, ଆସିକା ଚିନି ଶିଳ୍ପ ସଭାପତି ରବୀନ୍ଦ୍ର ପଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରୋଶନ୍ ସାବତ, ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ରଶ୍ମିତା ସ୍ୱାଇଁ, ଶିକ୍ଷକ ସଦାଶିବ ପ୍ରଧାନ, କର୍ମଚାରୀ ଅରବିନ୍ଦ ଶତପଥୀ, ଯୁବ ସାହିତ୍ୟିକ ଶିଶିର କୁମାର ସ୍ୱାଇଁ, ଶିକ୍ଷାବିତ ରାମକୃଷ୍ଣ ପାତ୍ର, ସାମାଜିକ କର୍ମୀ ବାଲ୍ୟ ସ୍ୱାଇଁ, ବୁଲୁ ଲେଙ୍କା, ମା' ବୁଢା କେନ୍ଦୁ ଆଞ୍ଚଳିକ ଯୁବ ଛାତ୍ର ସଂସଦ ସଭାପତି ପଞ୍ଚାନନ ନାୟକ, ଉପସଭାପତି ନିଲୁ ପାତ୍ର, ସାଧାରଣ ସମ୍ପାଦକ ବସନ୍ତ ବିଷୋୟୀ, କୋଷାଧ୍ୟକ୍ଷ ଟୁକୁନା ବିଷୋୟୀ, ସଭ୍ୟ ଯୋଗେନ୍ଦ୍ର ସେଠୀ, ବର୍ଷ୍ଟି ଗୌଡ଼, ଅମର ବେହେରା, ଜଗନ୍ନାଥ ନାୟକ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ଶେରଗଡ଼ ହେବ ମିଶନ ଶକ୍ତି ହବ୍

## ପ୍ରସ୍ତୁତି ପ୍ରକଳ୍ପ ଅନୁଧ୍ୟାନ କଲେ ନିର୍ବାହୀ ଅଧିକାରୀ

ଶେରଗଡ଼, ୨୬।୭(ସୂର୍ଯ୍ୟନାରାୟଣ ଦାଶ)



ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ନିର୍ବାହୀ ଅଧିକାରୀ ।

ଶେରଗଡ ବ୍ଲକରେ ମିଶନ ଶକ୍ତି ଗୋଷ୍ଠୀ ଆର୍ଥିକ ବିକାଶ ଓ ପ୍ରକଳ୍ପ ପରିଚାଳନାରେ ପ୍ରଶଂସିତ ହୋଇଛି। ଏଥିନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବ୍ଲକର ଜୀବିକା ମିଶନ ଜରିଆରେ ଭଲ ବ୍ୟବସାୟ କରି ଜିଲାରେ ଉତ୍ତମ ସ୍ଥାନରେ ଅଛନ୍ତି। ଆମ୍ବୁଆବାଡି, ପଦ୍ମପୁର ଆଦି ସ୍ଥାନରେ ମିଶନ ଶକ୍ତି ପକ୍ଷରୁ ତାଲିମ କେନ୍ଦ୍ର, ମିଶନ ଶକ୍ତି କେଫ, ମିଶନ ଶକ୍ତି ଷ୍ଟଲ ପ୍ରକଳ୍ପ କାମ ଶେରଗଡ ପର୍ଯ୍ୟାୟରେ ରହିଛି। ଖୁବ କମ ଦିନରେ ଏହି ପ୍ରକଳ୍ପଗୁଡିକ ମିଶନ ଶକ୍ତି ରାଜ୍ୟ ଶାଖା ପକ୍ଷରୁ ଶୁଭାରମ୍ଭ କରିବେ। ଏଥି ନିମନ୍ତେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟନିର୍ବାହୀ ଭି. କିର୍ତ୍ତୀଭାସନ। ଉକ୍ତ ପ୍ରକଳ୍ପଗୁଡିକ ପରିଦର୍ଶନ କରିବା ସହ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଆମ୍ବୁଆବାଡି ଗ୍ରାମ ଛକରେ ପହଞ୍ଚି ଆବାସିକ ସିଲେଇ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଏକ ମିଲେଟ କେଫର କାମ ତଦାରଖ କରିଥିଲେ। ଉକ୍ତ ସିଲେଇକେନ୍ଦ୍ର ପାର୍ଶ୍ୱରେ ଏକ ପାର୍କ ନିର୍ମାଣ କରିବାକୁ ନେଇ ଆଲୋଚନା ହୋଇଥିଲା। ମିଶନ ଶକ୍ତି କେଫ ଓ ସିଲେଇ କେନ୍ଦ୍ରର କାମ ତୁରନ୍ତ ସାରିବାକୁ ସରପଞ୍ଚ ଟୁକୁନା ଦାସ ଓ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶେରଗଡ ଧୋବାସାହି ଠାରେ ନିର୍ମାଣଧୀନ ଥିବା କେଫର କାର୍ଯ୍ୟ ତଦାରଖ କରିଥିଲେ। ପରିଦର୍ଶନ ସମୟରେ ବିଡିଓ ଶିବାଶିଷ ବରାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା ସମେତ କେତେକ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଦେଖାଳି ଛକରୁ ଜବରଦଖଲ ଉଚ୍ଛେଦ

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ତହସିଲ ଦେଖାଳି ରାଜସ୍ୱ ସର୍କଲ ଅଧୀନ ଓଭର ବ୍ରିଜ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଉଠା ଦୋକାନ ଗୁଡ଼ିକୁ ବୁଧବାର ପୋଲିସ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି ମେସିନ ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ଅଧୀନସ୍ଥ ୨୯ ନଂ. ରାଜ୍ୟ ରାଜପଥରେ ଥିବା ପୂର୍ତ୍ତବିଭାଗ ଓଭରବ୍ରିଜ ଦୁଇ ପାର୍ଶ୍ୱରେ ବାଡ଼ ଦିଆଯାଇଥିବା ସତ୍ତ୍ୱେ ଜବରଦଖଲକାରୀମାନେ ବାଡ଼ ଭାଙ୍ଗି ଦୋକାନ ଗୃହ ନିର୍ମାଣ କରିଥିଲେ। ଏନେଇ ଦିଗପହଣ୍ଡି ତହସିଲ ପ୍ରଶାସନ ଜବର ଦଖଲକାରୀଙ୍କୁ ଦୋକାନ ଗୃହ ଅନ୍ୟତ୍ର ସ୍ଥାନାନ୍ତର ନେଇ ଅବଗତ କରାଇବା ସହ ଉଚ୍ଛେଦ ପାଇଁ ୪ ଥର ନୋଟିସ ଜାରି କରିଥିଲେ। ବାଣିଜ୍ୟ କେନ୍ଦ୍ରର ଏକ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଦେଖାଳି ଛକକୁ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ବ୍ୟବସାୟ କରିବାକୁ ଆସିଥାନ୍ତି। ତେବେ ପ୍ରଶାସନିକ ନୀତି ନିୟମକୁ ଉଲ୍ଲଂଘନ କରି ଉଠା ଦୋକାନୀମାନେ ସେମାନଙ୍କ ବ୍ୟବସାୟ କାରବାର ଚାଲୁ ରଖିଥିଲେ। ଉଠା ଦୋକାନୀଙ୍କ ଯୋଗୁଁ ରାସ୍ତା ସଙ୍କୁଚିତ ହେବା କାରଣରୁ ଗାଡ଼ିମୋଟର ଚଳାଚଳରେ ବାଧା ଉପୁଜିଥିଲା। ଏନେଇ ରାଜପଥ କର୍ତ୍ତୃପକ୍ଷ ଦିଗପହଣ୍ଡି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଦିଗପହଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ସିପକ କୁମାର ପାତ୍ରଙ୍କ ଉପସ୍ଥିତିରେ ରାସ୍ତାର ଉଭୟ କଡରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଦୋକାନ ଗୃହ ଗୁଡ଼ିକୁ ଭଙ୍ଗାଯିବା ସହ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ରାଜସ୍ୱ ନିରୀକ୍ଷକ ବିଘ୍ନେଶ୍ୱର ଆଚାର୍ଯ୍ୟ, ଅକ୍ଷୟ କୁମାର ମଲ୍ଲିକ, ଉପେନ୍ଦ୍ର ବେହେରା, ଗିରିଜା ମଲ୍ଲିକଙ୍କ ସମେତ କେ. ନୂଆଗାଁ ପୋଲିସ ଉପସ୍ଥିତ ଥିଲେ।

## ବ୍ୟକ୍ତିଗତ ଜାଗାରେ କଲଭର୍ଟ ନିର୍ମାଣ ଅଭିଯୋଗ

# ଗୋଟିଏ ଫଳକରେ ୨ଟି ପ୍ରକଳ୍ପ

ପୋଲସରା,୨୬।୭(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍କାପଡ଼ା ଗ୍ରାମର ପଟାଦାର ମାୟା ଜେନା ସ୍ୱାମୀ ବଞ୍ଚା ଜେନାଙ୍କ ଚାଷ ଜମିର ତାଙ୍କ ବିନା ଅନୁମତିରେ ଜମି ଉପରେ ଏକ କଲଭର୍ଟ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଜମି ମାଲିକଙ୍କ ନାତି ରାଜୀବ କୁମାର ଜେନା ଉକ୍ତ ଜମିରେ ଶାଗୁଆନ ଗଛ ଲଗାଇବା ସହିତ ଚାଷ କରି ଆସୁଥିବା ବେଳେ ସେହି ଜମିରେ କାହା ଅନୁମତିରେ କଲଭର୍ଟ ନିର୍ମାଣ କରାଗଲା ବୋଲି ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଠଣାପଲ୍ଲୀ ଠାରୁ ଦଳାଇ ଘାଇ ମଧ୍ୟରେ ଥିବା ଗାଁ ରାସ୍ତା ଉପରେ କଲଭର୍ଟ ନିର୍ମାଣ କାର୍ଯ୍ୟ ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନାମ ଫଳକରେ ଦର୍ଶାଯାଇଛି। ପୁଣି ସେହି ଗୋଟିଏ ଫଳକରେ କାର୍ଯ୍ୟର ନାମ ଆର୍‌ଡି ରୋଡ଼ ଠାରୁ ଦଳାଇ ଘାଇ ପର୍ଯ୍ୟନ୍ତ ମେଣ୍ଟାଲ ମୋରୁମ ରାସ୍ତା ନିର୍ମାଣ ଦର୍ଶାଯାଇଛି। ଏଥିପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଦର୍ଶାଇ ପୋଖରୀରୁ ପଙ୍କ ଓ ଖାରିଆ କାଦୁଅ ମାଟି ଟ୍ରାକ୍ଟରରେ ଆଣି ପକାଇ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପୂର୍ବରୁ ଥିବା ଗୋଟିଏ ପୁରୁଣା ନାମ ଫଳକରେ କାର୍ଯ୍ୟର ନାମ ସନ୍ଧୀ ପଦର ଠାରୁ ହଜ ରୋଡ଼ ପର୍ଯ୍ୟନ୍ତ ମେଣ୍ଟାଲ ମୋରୁମ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ ଅଟକଳ ମୂଲ୍ୟ ୭ ଲକ୍ଷ ଟଙ୍କା ମଞ୍ଜୁର ହେଇଥିବା ଫଳକରେ ଦର୍ଶାଯାଇଥିବା ଦେଖିବାକୁ ମିଳିଛି। କିନ୍ତୁ ଉକ୍ତ ପ୍ରକଳ୍ପରେ ରାତି ଅଧିଆ ପୋଖରୀରୁ ମାଟି ଖୋଳି ଆଣି ଟ୍ରାକଟର ମାଧ୍ୟମରେ ପକାଇ ୪ ଲକ୍ଷ ୫୮ ହଜାର ୮୩୨ ଟଙ୍କା ଅର୍ଥ ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ପ୍ରକୃତରେ ଏହି ରାସ୍ତାର ନାମ ତୁଙ୍କାପଡ଼ା ଠାରୁ ଚଣ୍ଡୀପୁର ରାସ୍ତା ବୋଲି ଗ୍ରାମବାସୀ କହିଥିବା ବେଳେ ରାସ୍ତାର ନାମ ବଦଳାଇ କୌଣସି କାମ ନ କରି ବିଭିନ୍ନ ପ୍ରକଳ୍ପ ନାମ ଦର୍ଶାଇ ଅର୍ଥ ଆତ୍ମସାତ କରିବାରେ ଲାଗି ପଡ଼ିଛନ୍ତି ଖୋଦ ବିଜେଡ଼ି କର୍ମୀ। ଉକ୍ତ ରାସ୍ତା ନିର୍ମାଣ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ଶଙ୍କର ନାରାୟଣ ସୁବୁଦ୍ଧିଙ୍କୁ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ଭୂୟାଁ ମୌଖିକ ଭାବେ କହିବାରୁ ବିଜେଡ଼ି କର୍ମୀମାନେ ଆକ୍ରମଣ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ତିନି ଗୋଟି ପ୍ରକଳ୍ପ ବିଷୟକୁ ନେଇ ପ୍ରଥମ ପ୍ରକଳ୍ପରେ ୫୦ ହଜାର ବିଲ ହୋଇଥିବା ବେଳେ ଜାଗାର ସଠିକ୍ କାଗଜ ପତ୍ର ଆଣିଲା ପରେ ବିଲ୍ ହେବ ବୋଲି କହିବା ସହିତ ଆଉ ବାକି ଦୁଇ ଗୋଟି ପ୍ରକଳ୍ପ ବିଷୟରେ ମୋର ମନେ ପଡୁ ନାହିଁ ଫାଇଲ ଦେଖିଲା ପରେ କହିବି ବୋଲି ଉକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଶଙ୍କର ନାରାୟଣ ସୁବୁଦ୍ଧି କହିଛନ୍ତି। ତୁରନ୍ତ ଉକ୍ତ ପ୍ରକଳ୍ପ ଉପରେ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରିବାକୁ ଦାବି ହୋଇଛି।

# ବିବାଦୀୟ ଆନ୍ଧ୍ର ମନ୍ତ୍ରୀଙ୍କୁ ବ୍ଲକ ଅଧ୍ୟକ୍ଷଙ୍କ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨୬।୭ (ଗିରିଧାରୀ ପରିଛା):



ଆନ୍ଧ୍ରମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି ଗୋଷାଣୀ ବ୍ଲକ ଅଧ୍ୟକ୍ଷ ।

## ସୀମା ବିବାଦ ଘଟଣା

■ ପ୍ରତିବାଦ କଲା ଭାଜପା ଓ କଂଗ୍ରେସ

୨୦୨୧ ସେପ୍ଟେମ୍ବରରେ ଗଜପତି ଜିଲାର ସୀମାନ୍ତ ଅଞ୍ଚଳ ଗଙ୍ଗାବାଡ ମାଣିକପାଟଣା ଗ୍ରାମରେ ଅଙ୍ଗନବାଡି କେନ୍ଦ୍ରକୁ ନେଇ ଉଠିଥିବା ବିବାଦରେ ଜିଲା ପ୍ରଶାସନର ଉପସ୍ଥିତିରେ ଆନ୍ଧ୍ରର ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ସିଧି ଆପଲା ରାଜୁ କିଛି ସରକାରୀ ଅଧିକାରୀଙ୍କୁ ଧରି ଧସେଇ ପଶି ଗଜପତି ଜିଲାର ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧିଙ୍କୁ ଧମକ ଦେବା ସହ ଅସଭ୍ୟ ବ୍ୟବହାର କରିଥିଲେ। ଏ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ରାଜ୍ୟସ୍ତରୀୟ ନେତୃବୃନ୍ଦ ମଧ ସମାଲୋଚନା କରିବା ସହ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ବୁଧବାର ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ. ଭିରରାଜୁ ବିବାଦୀୟ ଆନ୍ଧ୍ର ମନ୍ତ୍ରୀଙ୍କୁ ନିଜ ବ୍ଲକକୁ ଆମନ୍ତ୍ରଣ କରି ସମ୍ବର୍ଦ୍ଧନା ଜଣାଇଛନ୍ତି, ଯାହାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷଙ୍କ ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ଆନ୍ଧ୍ରର ବିବାଦୀୟ ମନ୍ତ୍ରୀଙ୍କୁ ଶାସକ ଦଳର ନେତା ହୋଇ ପାଛୋଟି ନେବା ପଛରେ କାରଣ କ'ଣ ରହିଛି ବୋଲି ପ୍ରଶ୍ନ କରିଛି । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ବ୍ଲକ ଅଧ୍ୟକ୍ଷ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ରଖିଛି। ନଚେତ ଆଗାମୀ ଦିନରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଅପରପକ୍ଷରେ ସମାନ ଅଭିଯୋଗ କରିଛି ଭାଜପା। ଜିଲା ଭାଜପା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କହିଛନ୍ତି ଗତ ୨୦୨୧ ସେପ୍ଟେମ୍ବର ମାସରେ ଆନ୍ଧ୍ର ମନ୍ତ୍ରୀ ଗଙ୍ଗାବାଡ଼ ପଞ୍ଚାୟତର ମାଣିକ ପାଟଣା ଗ୍ରାମର ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲେ ସେତେବେଳେ ରାଜ୍ୟ ସରକାର କିମ୍ବା ବିଜେଡିର ରାଜ୍ୟସ୍ତରୀୟ ନେତୃବୃନ୍ଦ କେହି ଘଟଣାକୁ ଗୁରୁତର ସହ ନେଇନଥିଲେ। କେବଳ ଭାଜପା ପ୍ରତିନିଧି ଦଳ ଘଟଣାସ୍ଥଳେ ପହଞ୍ଚି ଆନ୍ଧ୍ର ପ୍ରଶାସନ ଶହ ଲଢେଇ କରିଥିଲା। ଆନ୍ଧ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାର ଶରଣାପନ୍ନ ହୋଇଛନ୍ତି । ଆନ୍ଧ୍ର ସୀମାରେ ଯେକୌଣସି ବେଆଇନ କାରବାର କିମ୍ବା ଜଳ, ଜମି , ଜଙ୍ଗଲ ଲୁଟିନେଲେ ବି ରାଜ୍ୟ ସରକାର କେବଳ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି କହିବା ସହ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବିଧାୟକ ରାଓ। ବ୍ଲକ ଅଧ୍ୟକ୍ଷ କହିଛନ୍ତି, ତାଙ୍କ ପଞ୍ଚାୟତକୁ ଆନ୍ଧ୍ର ସୀମାନ୍ତ ଲାଗି ରହିଛି। ସୀମାନ୍ତରେ ଏକ କିଲୋମିର ରାସ୍ତା ଆନ୍ଧ୍ର ପଟରୁ ନିର୍ମାଣ ହେବା ଆବଶ୍ୟକ ରହିଛି । ତେଣୁ ଆନ୍ଧ୍ରମନ୍ତ୍ରୀଙ୍କୁ ଏନେଇ ପ୍ରସ୍ତାବ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଆନ୍ଧ୍ର ମନ୍ତ୍ରୀ ଏଥିରେ ରାଜି ହୋଇଛନ୍ତି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଯୌତୁକ ନିର୍ଯାତନା ମାମଲା, ୩ ନିର୍ଦ୍ଦୋଷ

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି ) ଶିବାନୀ ମିଶ୍ର ଏକ ଯୌତୁକ ନିର୍ଯାତନା ମାମଲାର ରାୟ ପ୍ରକାଶ କରିଥିଲେ। ୭ ବର୍ଷର ବିଚାରଣା ପରେ ପ୍ରମାଣ ଅଭାବରୁ ସେ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଛତ୍ରପୁର ବାସନାପଲିର ଶିବ ଶଙ୍କର ଦାଶ, ଶ୍ୱଶୁର ଭାସ୍କର ଚନ୍ଦ୍ର ଦାଶ ଓ ଶାଶୁ ସୁବାସିନୀ ଦାଶ। ୨୦୧୫ ଫେବୃୟାରୀ ୧୫ରେ ଶିବ ଶଙ୍କର ଦାଶ ଲାଞ୍ଜିପଲ୍ଲୀର ସ୍ୱାଗତିକା ଷଡଙ୍ଗୀଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଏହାର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ସ୍ୱାଗତିକାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ତଡ଼ି ଦେଇଥିଲେ। ମହିଳା ଜଣଙ୍କ ଏନେଇ ୨୦୧୬ ମେ ୪ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯/୧୬ ରେ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ମମତା ନାୟକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଏହାର ବିଚାରଣା ବେଳେ ୪ଜଣ ସାକ୍ଷୀଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉକ୍ତ ୩ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜେଏମ୍‌ଏଫ୍‌ସି ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

### ମଣିପୁର ଘଟଣା ନେଇ ପଥପ୍ରାନ୍ତ ସଭା

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର): ମଣିପୁରରେ ଘଟିଥିବା ହିଂସାକାଣ୍ଡ ବିରୋଧରେ ଦିଗପହଣ୍ଡିଠାରେ ବାମପନ୍ଥୀ ସଙ୍ଗଠନ ସିପିଆଇ ଏବଂ ସିପିଆଇ(ଏମ) ପକ୍ଷରୁ ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ଅଧକ୍ଷତା କରିଥିଲେ। ସମ୍ପାଦକ ତପନ କୁମାର ମିଶ୍ର, ଆର.ପୂର୍ଣ୍ଣଚନ୍ଦ୍ର,ଜି.ରାଜେଶ, ଅରୁଣ ମହାରଣା, ଜି. କୁଶ ଏବଂ ସିପିଆଇ(ଏମ) ପୂର୍ବତନ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ, ଜୟନ୍ତୀ ବାଳା ମିଶ୍ର, ଭି.ସୁଦର୍ଶନ ରାଜୁ, ପି.ଶିବ ଶଙ୍କର ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

ବ୍ରହ୍ମପୁର,୨୬।୭ (ସୁବାସ ଚନ୍ଦ୍ର ପାଢ଼ୀ)

**ଏମ୍‌କେସିଜି ମେଡିକାଲ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରର ପଙ୍କଜିନୀ ତରାଇ(୨୭)। ଏହି ଘଟଣାକୁ ନେଇ ପଙ୍କଜିନୀଙ୍କ ସ୍ୱାମୀ ମହେନ୍ଦ୍ର ଜେନା ବଡ଼ ମେଡିକାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ମହେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ତ୍ରୀ ପଙ୍କଜିନୀ ୧୦ ମାସର ଗର୍ଭବତୀ ଥିଲେ। ସେ ୧୦ମାସ ହେଲା ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଉଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ପଙ୍କଜିନୀଙ୍କୁ ପ୍ରସବ ବେଦନା ହେବାରୁ ଘଣ୍ଟାକ ମଧ୍ୟରେ ବଡ଼ ଡାକ୍ତରଖାନାକୁ ଆଣି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଇଥିଲେ। ଏହାପରେ ପଙ୍କଜିନୀଙ୍କୁ ଲେବର୍ ରୁମକୁ ନିଆଯାଇଥିଲା। ରାତି ପ୍ରାୟ ୧ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତର କି କର୍ମଚାରୀ କେହି କିଛି ନ କହିବାରୁ ଶାଶୁ ଲେବର୍ ରୁମକୁ ଯାଇଥିଲେ। ପଙ୍କଜିନୀ ସୁସ୍ଥ ଥିବା ଓ ସେ ଖଟରେ ବସିଥିବା ଦେଖିବାକୁ ପାଇଥିଲେ। ବୁଧବାର ସକାଳେ ପଙ୍କଜିନୀଙ୍କ ବିଷୟରେ ପଚାରିବାରୁ କେହି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଶାଶୁ ପୁଣି ଭିତରକୁ ଯିବାକୁ ଚାହିଁଥିଲେ ମଧ୍ୟ ତାଙ୍କୁ ମନା କରାଯାଇଥିଲା ବୋଲି ମହେନ୍ଦ୍ର କହିଛନ୍ତି। ଏହାପରେ କେତେଜଣ କର୍ମଚାରୀ କହିଲେ ଯେ, ପଙ୍କଜିନୀଙ୍କ ଛାତିରେ କଫ ରହିଯାଇଛି, ଶ୍ୱାସକ୍ରିୟାରେ ସମସ୍ୟା ହୋଇଛି। ଡାକ୍ତର ଆସିଲେ ଦେଖିବେ ବୋଲି କହିଥିଲେ। ଏଭଳି ଶୁଣିବା ପରେ ଶାଶୁ ବ୍ୟସ୍ତ ହୋଇ ଲେବର୍ ରୁମ୍‌କୁ ଯିବାରେ ପଙ୍କଜିନୀଙ୍କ ଶରୀର ଏକ ଖଟରେ ପଡ଼ି ରହିଥିବା ଦେଖିଥିଲେ। ଏହା ଜାଣିବା ପରେ ମହେନ୍ଦ୍ର ମଧ୍ୟ ସେଠାକୁ ଯାଇଥିଲେ। ପଙ୍କଜିନୀଙ୍କ ହାତ ଓ ଷ୍ଟ୍ରେଚରରେ ରକ୍ତ ଲାଗିଥିବା ମହେନ୍ଦ୍ର ଅଭିଯୋଗ କରିଛନ୍ତି। କୌଣସି ଡାକ୍ତର ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା କରୁ ନଥିଲେ। ସେତେବେଳକୁ ପଙ୍କଜିନୀଙ୍କ ପ୍ରାଣ ହରାଇ ସାରିଥିଲେ। ଏ ନେଇ କର୍ମଚାରୀଙ୍କୁ ପଚାରିବାରୁ ଉଚ୍ଚ ରକ୍ତଚାପ ଯୋଗୁ ପଙ୍କଜିନୀଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ଅନ୍ୟପକ୍ଷରେ ମହେନ୍ଦ୍ର ୧୦ମାସ ହେଲା ବଡ଼ ଡାକ୍ତରଖାନାରେ ସ୍ତ୍ରୀଙ୍କ ଚିକିତ୍ସା କରାଉଥିଲେ। ସେ ସମୟରେ ରକ୍ତଚାପ କମ ରହୁଥିଲା। ଏବେ ହଠାତ୍ କାହିଁକି ରକ୍ତଚାପ ବଢ଼ିଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପାଇଁ ମହେନ୍ଦ୍ର ଚିକିତ୍ସା ଅବହେଳାକୁ ଦାୟୀ କରିଛନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ପୋଲିସ ନିକଟରେ ଗୁହାରି କରିଛନ୍ତି। ଏ ନେଇ ୪୫୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କଡ଼ାକଡ଼ି ହେବ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ




ବୈଠକରେ ଉପସ୍ଥିତ ଅଧିକାରୀ।

ବ୍ରହ୍ମପୁର,୨୬।୭ (ସୁବାସ ଚନ୍ଦ୍ର ପାଢ଼ୀ)

- ଗଞ୍ଜାମ-ଶ୍ରୀକାକୁଲମର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ବୈଠକ
- ଲିଙ୍ଗଗତ ଭେଦଭାବ ଦୂର ସହ ଭ୍ରୂଣ ଚିହ୍ନଟ ବନ୍ଦ ନିଷ୍ପତ୍ତି

ପିସି ଆଣ୍ଡ ପିଏନଡିଟି ଆକ୍ଟ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ବୁଧବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଦୁଇଟି ଜିଲାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଗଞ୍ଜାମ ଓ ଶ୍ରୀକାକୁଲମ୍ ଜିଲାର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଲିଙ୍ଗଗତ ଭେଦଭାବ ଦୂର କରିବା ସହିତ ଭ୍ରୁଣ ଚିହ୍ନଟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ନେଇ ଉଭୟ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଟିମ୍ ବିଭିନ୍ନ ସମୟରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ଇଲାକାରେ ଥିବା ଅଞ୍ଚଳରେ ଚଢ଼ଉ କରିବ। ସେହିପରି ସୀମାନ୍ତ ଇଲାକାରେ ଥିବା କ୍ଲିନିକ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଉପରେ ମଧ୍ୟ କଡ଼ା ନଜର ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଯେଉଁମାନେ ଲିଙ୍ଗ ନିରୂପଣ କିମ୍ବା କନ୍ୟା ଭ୍ରୂଣ ହତ୍ୟା ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼ିବ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମାଜରେ ଶିଶୁକନ୍ୟା ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲଲି ନିଷ୍ପତ୍ତି ହୋଇଛି। ସେହିପରି ଝିଅ ଥିବା ଦମ୍ପତିଙ୍କ ଦ୍ୱିତୀୟ ଗର୍ଭଧାରଣ ପରେ ଶିଶୁଜନ୍ମ ପର୍ଯ୍ୟନ୍ତ ସେମାନଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିବ। ଏହା ସହିତ ଶିଶୁକନ୍ୟା ଜନ୍ମ ହେଲେ ହସ୍ପିଟାଲରେ ଜନ୍ମଦିନ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଡିପିଏଚ୍‌ଓ ଡା. ଭି ସରୋଜିନୀ ଦେବୀ, ଶକ୍ତି କୁମାର ଦିଗାଲ, ପ୍ରଫୁଲ୍ଲ ପାତ୍ର, ରଘୁନାଥ ସାହୁ ଏବଂ ଶ୍ରୀକାକୁଲମ୍ ଜିଲା ତରଫରୁ ଡା. ଏନ୍. ଅନୁରାଧା, ପି.ଭି ରମଣା, ଏମ୍.ଭି.ଏସ୍ ରାଓ, ଏସ୍. ସୂର୍ଯ୍ୟପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ଜିଲା ଯୁବ କଂଗ୍ରେସ ସଭାପତି ନିର୍ବାଚିତ



ଜିଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ।

ବ୍ରହ୍ମପୁର,୨୬।୭(ନରସିଂହ ସାହୁ)

ଗଞ୍ଜାମ ଜିଲା ଯୁବ କଂଗ୍ରେସର ସଭାପତି ନିର୍ବାଚନ ହୋଇଯାଇଛି। ନୂଆ କରି ହୋଇଥିବା ଅନଲାଇନ ଦ୍ୱାରା ମତଦାନରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନେତା ବିକାଶ ନାୟକ ତାଙ୍କ ପ୍ରତିଦ୍ୱନ୍ଦ୍ୱି ତଥା ପୂର୍ବତନ ଯୁବ କଂଗ୍ରେସ ଜିଲା ସଭାପତି ସନାତନ ସାହୁଙ୍କୁ ପରାସ୍ତ କରିଛନ୍ତି। ବିକାଶ ୩୮୫୮ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ସନାତନ ୨୦୦୫ ଭୋଟ ପାଇଥିଲେ। ଭୋଟ ଲଢ଼େଇ ତୀବ୍ର ହୋଇଥିଲା। ଜିଲାର ସବୁ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବକର୍ମୀ ଓ ସମର୍ଥକମାନେ ମତଦାନ କରିଥିଲେ। ସୂଚନାଯୋଗ୍ୟ, ଜିଲା କଂଗ୍ରେସ ସଭାପତିଙ୍କ ସମର୍ଥିତ ପ୍ରାର୍ଥୀ ସନାତନ ପରାସ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷରେ ବ୍ରହ୍ମପୁରର ଯୁବ ନେତା ଚିନ୍ମୟ ହୋତା ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ହୋଇଛନ୍ତି। ସୁପ୍ରଭା କୁମାରୀ ଦାସ ଜିଲା ଯୁବ କଂଗ୍ରେସ ଉପସଭାନେତ୍ରୀ ହୋଇଥିବା ଘୋଷଣା କରାଯାଇଛି। ସଭାପତି ନିର୍ବାଚନରେ ଜିଲାରୁ ୧୦ ହଜାରରୁ ଅଧିକ ଯୁବତୀ ଓ ଯୁବକ ମତଦାନ କରିଥିବା ନୂଆ ସଭାପତି ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ବହୁମୁଖୀ ଦୁର୍ନୀତି ଏବଂ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଓ ସାମ୍ପ୍ରଦାୟିକତା ନୀତି ବିରୋଧରେ ଯୁବ କଂଗ୍ରେସ ଲଢ଼େଇ କରିବାର ବିକାଶ ଦର୍ଶାଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ପ୍ରଦେଶ କଂଗ୍ରେସ ମୁଖପାତ୍ର ପୀତବାସ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ତପସ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୬।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି ପୀଡିତାକୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ୍ ସେବା ପ୍ରାଧିକରଣକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଭିଞ୍ଜିଗିରିର ସନ୍ତୋଷ ନାଇକ(୩୬)।

୨୦୧୮ ଅକ୍ଟୋବର ୨୪ରେ ନାବାଳିକା(୧୨) ତାଙ୍କ ଭାଉଜଙ୍କ ଗାଁକୁ ଦଶହରା ଛୁଟିରେ ଯାଇଥିଲେ। ଗାଁ ଦାଣ୍ଡରେ ସେ ଖେଳୁଥିଲା ବେଳେ ସମ୍ପର୍କୀୟ ମଉସା ସନ୍ତୋଷ ତାଙ୍କୁ ମିଠା କିଣାଇ ଦେବି କହି ବାଇକରେ ବସାଇ ନେଇ ଯାଇଥିଲେ। ପରେ ତାଙ୍କୁ ନିକଟସ୍ଥ ରାମପଲି ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ସନ୍ତୋଷ ପୁଣି ତାଙ୍କୁ ନିଜ ଗାଡ଼ିରେ ଆଣି ଗାଁ ମୁଣ୍ଡ କେନାଲ ହୁଡାରେ ଛାଡ଼ି ଚାଲିଯାଇଥିଲେ। ପରେ ନାବାଳିକା ଜଣଙ୍କ ଏନେଇ ତାଙ୍କ ଭଉଣୀଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ଭଉଣୀ ଘଟଣା ସମ୍ପର୍କରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନକୁ ଆଧାର କରି ୨୦୧୮ ନଭେମ୍ବର ୯ରେ ପୋଲିସ ସନ୍ତୋଷଙ୍କୁ ବଳାତ୍କାର ମାମଲାରେ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ସୁଦୀପ୍ତ କୁମାର ସାହୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସନ୍ତୋଷ ଗିରଫ ପରଠାରୁ ଏଯାବତ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# କୁମ୍ଭୀର ଆକ୍ରମଣରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦାବି

ବ୍ରହ୍ମପୁର,୨୬।୭ (ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ନିକଟସ୍ଥ ଘୋଡ଼ାହାଡ଼ ଜଳଭଣ୍ଡାର ଓ ଆଖପାଖ ନଦୀଗର୍ଭରେ ବାରମ୍ବାର କୁମ୍ଭୀର ଆକ୍ରମଣ କରି ମଣିଷ ମରିବା ଓ କ୍ଷତବିକ୍ଷତ କରିବାର ନଜର ଆସୁଛି। ଜୁନ ୨୫ରେ କୁମ୍ଭୀର ଆକ୍ରମଣରେ ସେବକ ଟିକରପଡ଼ା ଗ୍ରାମର ଭିକାରୀ ଗୌଡ଼ଙ୍କ ପୁଅଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗତ ୨୦ ତାରିଖରେ ଖମ୍ବାରୀ ଗାଁ ସାଗର ବନ୍ଧରେ ଦାଉଣୀ ଗ୍ରାମର ଏକ ଯୁବ ମିସ୍ତ୍ରୀ ଗୁକୁନା ବେହେରା କୁମ୍ଭୀର ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଗତ ଫେବୃୟାରୀ ୨୨ରେ ନଇନା ଗୌଡଙ୍କୁ କୁମ୍ଭୀର ମରଣାନ୍ତକ ଆକ୍ରମଣ କରିଥିଲେ।



ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାହାକୁନେଇ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ତଦନ୍ତଦଳ ବିଭାଗୀୟ ଅଧିକାରୀଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧକୁ ରକ୍ଷାକରି ତଦନ୍ତ ଦଳ ନଦୀଗର୍ଭର ଉଭୟ ପାର୍ଶ୍ୱରେ କାନ୍ଥ କରି ଚେନାଲ୍ ଦ୍ୱାରା ପାଣି ଛଡ଼ାଯିବ ଓ ତାରବାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବେ କାର୍ଯ୍ୟକାରୀ ହେବ ସେ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବୁଧବାର ଭାଜପା ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଜିଲା ବନ ଖଣ୍ଡ ଅଧିକାରୀ ଶନି ଖୋଖାର ଓ ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ବେସିନର ମୁଖ୍ୟଯନ୍ତ୍ରୀ ଅଶ୍ୱିନୀ ମହାନ୍ତିଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଦାବି ପତ୍ର ପ୍ରଦାନ ସମୟରେ ଖମ୍ବାରି ପଞ୍ଚାୟତର ପୂର୍ବ ସରପଞ୍ଚ ସନ୍ତୋଷ ପାତ୍ରଙ୍କ ସମେତ ରଘୁନାଥ ଗୌଡ଼. ଗୁକୁନା ବେହେରା, କୁନି ବେହେରା, ସନ୍ଧ୍ୟାରାଣୀ ବିଷୋୟୀ, ସୁଧାଂଶୁ ଶେଖର ଗୌଡ଼ ଓ କଳ୍ପନା ବିଷୋୟୀ ଉପସ୍ଥିତ ଥିଲେ।

# ଆକ୍ରମଣ, ପ୍ରତି ଆକ୍ରମଣ ମାମଲା: ୨ କୋର୍ଟ ଚାଲାଣ

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚୌଧୁରୀ. ଟିକରପଡା ପଞ୍ଚାୟତ ଢେପାପେଣ୍ଠ ଗ୍ରାମ ଛକରେ ହୋଇଥିବା ଆକ୍ରମଣ ପ୍ରତି ଆକ୍ରମଣ ମାମଲାରେ ବୁଧବାର କେ . ନୂଆଗାଁ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବଜ୍ରଗୁମା ଗ୍ରାମର ସନାତନ ସାହୁ ଓ ଢେପାପେଣ୍ଠ ଗ୍ରାମର ସଞ୍ଜୟ ସାହୁ। ଗତ ପଞ୍ଚାୟତ ନିର୍ବାଚନ ପରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ପୂର୍ବରୁ କନ୍ଦଳ ଲାଗି ରହିଥିଲା। ଗତ ମେ ୪ ତାରିଖରେ ସନାତନ ଭ୍ରମରପୁର ଗ୍ରାମରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଢେପାପେଣ୍ଠ ଗାଁ ଛକରେ ଶିକ୍ଷକ କାଳୁଚରଣ ସାହୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଉଭୟଙ୍କୁ ଆକ୍ରମଣ କରିଥିଲେ। ଘଟଣାର କିଛି ସମୟ ପରେ ଶିକ୍ଷକଙ୍କ ପୁଅ ସଞ୍ଜୟଙ୍କ ସମେତ କିଛି ଯୁବକ ସନାତନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାପରେ ଗୁରୁତର ଆହତ ସନାତନଙ୍କୁ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ସନାତନ ଏବଂ ସଞ୍ଜୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

# ସ୍ୱଚ୍ଛ ସର୍ବେକ୍ଷଣରେ ବ୍ରହ୍ମପୁର ୧ ନଂ. ନେଇ କର୍ମଶାଳା




କର୍ମଶାଳାରେ ବିଏମସି ମେୟର ଉଦବୋଧନ ଦେଉଛନ୍ତି।

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଲିକ)

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ବ୍ରହ୍ମପୁରକୁ ରାଜ୍ୟରେ ୧ ନମ୍ବର ସହର ଭାବେ କରାଯିବା ନେଇ ବୁଧବାର ଟାଉନ ହଲ ପରିସରରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି ଓ କମିଶନର ଜେ. ସୋନାଲ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ରହ୍ମପୁର ମହାନଗରକୁ ରାଜ୍ୟରେ ୧ ନଂ ସହର ଭାବେ ପରିଣତ କରିବା ପାଇଁ ସହରବାସୀମାନେ ବ୍ୟାପକ ପରିମାଣରେ ମତଦାନ କରିବା ପାଇଁ ଅତିଥିମାନେ କହିଥିଲେ। ଏଥିସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନିଗମ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନରେ ସହରବାସୀ ସମେତ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିମାନେ ସାମିଲ ହେବା ପାଇଁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ଆର୍ଶୀବାଦ ପରିଡା, ବିନୋଦ କୁମାର ବେହେରାଙ୍କ ସମେତ ବହୁ କର୍ପୋରେଟର, ସ୍ୱଚ୍ଛ ସାଥୀ, ସୁପରଭାଇଜର, ଜମାଦାର ଓ ପରିମଳ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ ୩ ଲୁଟେରା କୋର୍ଟ ଚାଲାଣ

ବ୍ରହ୍ମପୁର,୨୬।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବିହାର, ଝାଡ଼ଖଣ୍ଡ, ଗୁଜୁରାଟ, ପଶ୍ଚିମବଙ୍ଗ ସହ ଓଡ଼ିଶା ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ବିହାର କଟିହାର ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି ବ୍ରହ୍ମପୁର ପୋଲିସ। ବିହାର କଟିହାର କୋରା ଥାନା ଜୁରବ୍ ଗଞ୍ଜୁର ରାଜା ଯାଦବ(୨୮), ମନିଶ କୁମାର ଯାଦବ (୨୫) ଓ ସନ୍ତୋଷ କୁମାର ନାତ(୩୬)ଙ୍କୁ ଗିରଫ କରିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ଠାରୁ ୪ଟି କିପେଡ୍ ମୋବାଇଲ୍ ଫୋନ୍, ୨ଟି ଚୋରି ବାଇକ, କୁଣ୍ଡେଇ ଲାଗିବା ପାଉଡର, ଜାଲ ପରିଚୟପତ୍ରରେ ଥିବା ଟ୍ରେନ୍ ଟିକଟ, ଟାୟାର ପଙ୍କଚର କରିବାକୁ ସାମଗ୍ରୀ, ବାଇକ୍ ଡିକି ଖୋଲିବା ଯନ୍ତ୍ରାଂଶ, ଜାଲ୍ ଆଧାର କାର୍ଡ ଓ ଆଧାରକାର୍ଡ, ବିଭିନ୍ନ ରାଜ୍ୟର ବାଇକ୍ ନମ୍ବର ପ୍ଲେଟ୍ ଜବତ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।

୨୦୨୩ ଜୁନ୍ ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ବିଶ୍ୱଜିତ ଘଡ଼େଇ (୨୫) ନାମକ ଜଣେ ଯୁବକ ଟାଟାବେଞ୍ଜ ଛକରେ ଥିବା ଏସ୍‌ବିଆଇ ହାଇଟେକ୍ ଶାଖାରୁ ୨ଲକ୍ଷ ଟଙ୍କା ଉଠାଇଥିଲେ। ସେ ଅଫିସକୁ ଯାଉଥିବା ବେଳେ ଗାନ୍ଧିନଗର ମୁଖ୍ୟରାସ୍ତାର ମୋତି ହୋଟେଲ ନିକଟରେ ୩ଜଣ ଆସି ତାଙ୍କ ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଏନେଇ ଟାଉନ୍ ଥାନାରେ ୨୦୯/୨୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ



ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

**ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ :ଏସ୍‌ପି**

ଆଧାର କରି ତଦନ୍ତ ଚଳାଇଥିଲା। ସିସି ଟିଭି ଫୁଟେଜରେ କିଛି ଯୁବକଙ୍କୁ ଦେଖିବାକୁ ମିଳିଥିଲା। ସେମାନଙ୍କୁ ପୂରା ଟାଉନରେ ଖୋଜାଖୋଜି କରିଥିଲା କିନ୍ତୁ ସେମାନେ ମିଳିନଥିଲେ। ପୋଲିସ ବିଭିନ୍ନ ନେଟୱାର୍କ ଜରିଆରେ ସେମାନଙ୍କ ନମ୍ବର ବାହାର କରି ଟ୍ରାକିଂ କରିଥିଲା। ଷ୍ଟେସନ୍ ନିକଟରେ ଅଭିଯୁକ୍ତମାନେ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ସେବେଠାରୁ ପୋଲିସ ସେମାନଙ୍କ ଉପରେ ନଜର ରଖିଥିଲେ। ମୋବାଇଲ୍ ଫୋନ୍ ଟ୍ରାକିଂ ପରେ ସେମାନେ ବ୍ରହ୍ମପୁର ଆସୁଥିବା ଜଣାପଡିବା ପରେ ବ୍ରହ୍ମପୁର ସହରରେ ପୋଲିସ ଆଲର୍ଟ ହୋଇଥିଲା। ଟାଉନ୍ ଥାନା ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ଦୁଇଜଣ ଯୁବକ ବାଇକରେ ଆସୁଥିଲେ। ସେମାନଙ୍କୁ ସନ୍ଦେହଜନକ ଭାବେ ଅଟକ ରଖି ପଚରାଉଚରା ବେଳେ ସେମାନେ ଓଡ଼ିଆ କହିପାରୁନଥିଲେ। ବାଇକ୍ ଯାଞ୍ଚ ବେଳେ ଉପରୋକ୍ତ ଜବତ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଥାନାକୁ ନେଇ ଜେରା କରିବା ବେଳେ ସେମାନେ ବିହାର କଟିହାର ଲୁଟେରା ଗ୍ୟାଙ୍ଗର ସଦସ୍ୟ ବୋଲି ଜଣାପଡିଥିଲା। ଏହି ଗ୍ୟାଙ୍ଗର ଏକ ଲମ୍ବା ରାକେଟ୍ ରହିଛି ଏବଂ ଅନେକ ସଦସ୍ୟ ରହିଛନ୍ତି। ଏମାନେ ସୋସିଆଲ୍ ମିଡିଆରୁ ବିଭିନ୍ନ ରାଜ୍ୟର ଗାଡ଼ି ନମ୍ବର, ଆଧାରକାର୍ଡ ଓ ଆରସି ବୁକ୍ ଦେଖୁଥିଲେ। ସେମାନଙ୍କ ଫଟୋ ବ୍ୟବହାର କରି ଜାଲ ଆଧାର କାର୍ଡ, ଲାଇସେନ୍ସ କରୁଥିଲେ। ଯେଉଁ ରାଜ୍ୟକୁ ଯାଉଥିଲେ ସେଠାର ପରିଚୟପତ୍ର କରିବା ସହ ଗାଡ଼ିର ନମ୍ବର ପ୍ଲେଟ୍ ବାଇକରେ ଲଗାଉଥିଲେ। ଏହି ଲୁଟେରା ଗ୍ୟାଙ୍ଗରେ କେଉଁମାନେ ଅଛନ୍ତି ଏବଂ କାହା ସହ ଏମାନଙ୍କ ଲିଙ୍କ୍ ରହିଛି ତଦନ୍ତ ଜାରି ରହିଛି। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ଡା. ବିବେକ ଏମ୍ କହିଛନ୍ତି।

